# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 5 April - 2026

***********************************

## ମୁଖ୍ୟ ସମ୍ବାଦ

- ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ‘ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା’ ପ୍ରଣୟନ କରିବେ ରାଜ୍ୟ ସରକାର

- ଓଡ଼ିଆ ପକ୍ଷ ପାଳନର ପଞ୍ଚମ ଦିନରେ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ‘ଐତିହ୍ୟ ଗଣଦୌଡ଼’ ଆୟୋଜିତ

- ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଆଜି ପାଳନ କରୁଛନ୍ତି ‘ଇଷ୍ଟର ସଣ୍ଡେ’

- ‘ସାମୁଦ୍ରିକ ଭାରତ-ସଶକ୍ତୀକରଣ ପ୍ରଗତୀ’ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ‘ଜାତୀୟ ସାମୁଦ୍ରିକ ଦିବସ’

ଏବଂ

- କାଳବୈଶାଖୀ ପ୍ରଭାବରେ ଝଡବର୍ଷା ହେବା ନେଇ ୨୭ଟି ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କ ସୂଚନା

# କ୍ୟାବିନେଟ୍

ରାଜ୍ୟ ସରକାର ମେଡିକାଲ, ଇଞ୍ଜିନିୟରିଂ ଅନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୨୨ ଦଶମିକ ୫ ପ୍ରତିଶତ ଏବଂ ଅନସୂଚିତ ଜାତି ଛାତ୍ରଛାତ୍ରୀଙ୍କ ପାଇଁ ୧୬ ଦଶମିକ ୨/୫ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ସହିତ ସାମାଜିକ ଓ ଆର୍ଥିକ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ୧୧ ଦଶମିକ ୨/୫ ପ୍ରତିଶତ ସଂରକ୍ଷଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ରାଜ୍ୟରେ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଚଳିତ ଆର୍ଥିକ ବର୍ଷରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା' ପ୍ରଣୟନ କରାଯିବ। ଏହି ଯୋଜନାରେ ହିତାଧିକାରୀଙ୍କୁ ମୁଣ୍ଡପିଛା ଅଧିକ ୫ କିଲୋଗ୍ରାମ ଚାଉଳ ଅତିରିକ୍ତ ଭାବେ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି....

**- V/O -**

ଏଥିସହ ୧୩ଟି ବିଭାଗର ୧୬ଟି ପ୍ରସ୍ତାବକୁ ବୈଠକରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଗୁଡ଼ିକ ମଧ୍ୟରେ ବଡମ୍ବା ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା, ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଯୋଜନାକୁ ଅନୁମୋଦନ ଏବଂ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ସ୍ଥଗିତ ରଖାଯିବା ଆଦି ନିଷ୍ପତ୍ତି ଅନ୍ତର୍ଭୁକ୍ତ ।

# ଓଡ଼ିଆ ପକ୍ଷ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଓ ବିଭବକୁ ପ୍ରଚାର  ପ୍ରସାର କରିବା ପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ପଞ୍ଚମ ଦିନରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଆ ଅସ୍ମିତାକୁ ଉଜ୍ଜୀବିତ ରଖିବା ପାଇଁ ଗଣଦୌଡର ଆୟୋଜନ କରାଯାଇଥିଲା। ଗଣଦୌଡ଼ରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବବର୍ଗ  ଭାଗ ନେଇଥିଲେ।

ଭୁବନେଶ୍ୱରର ଐତିହାସିକ ଏକାମ୍ର କ୍ଷେତ୍ରରେ ରାଜ୍ୟ  କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ ଅନ୍ତର୍ଗତ ସକାଳ ସାଢ଼େ ୫ଟାରେ ଆୟୋଜିତ ଗଣଦୌଡ଼ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇ ପ୍ରମୁଖ ସ୍ଥାନ ଅତିକ୍ରମ କରି ରାଜାରାଣୀ ମନ୍ଦିରରେ ପହଞ୍ଚିଥିଲା।

**ନୟାଗଡ଼** ଜିଲ୍ଲା କ୍ରୀଡାବିଭାଗ ଆନୁକୂଲ୍ୟରେ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ ପତାକା ଦେଖାଇ ଗଣଦୌଡର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଗଣଦୌଡ ଆରମ୍ଭ ହୋଇ ସଂସ୍କୃତିଭବନଠାରେ ପହଞ୍ଚିଥିଲା।

**ଭଦ୍ରକ** ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସବୁଜ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ

କରିଥିଲେ। ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରି ଗାନ୍ଧୀପଡିଆଠାରେ ପହଞ୍ଚିଥିଲେ।

**କେନ୍ଦ୍ରାପଡ଼ା** ଜିଲ୍ଲା ପ୍ରଶାସନର ସହଯୋଗରେ ଶାମଗୁଡ଼ିଆସ୍ଥିତ ଇଣ୍ଡୋର ଷ୍ଟାଡିୟମ୍‌ଠାରୁ ଗଣଦୌଡ଼ ଆରମ୍ଭ ହୋଇଥିଲା। ଜିଲ୍ଲାପାଳ ରଘୁରାମ ଆର.ଆୟରଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିବା ଜିଲ୍ଲାର ଐତିହ୍ୟର ସୁରକ୍ଷା ଏବଂ ସୁସ୍ଥ ଓ ନିରାମୟ ଜୀବନଶୈଳୀକୁ ଆଧାର କରି ଗଣଦୌଡ଼ରେ ସଚେତନତାର ବାର୍ତ୍ତା ଦିଆଯାଇଥିଲା।

**ମାଲକାନଗିରି** ଜିଲ୍ଲା ପ୍ରଶାସନ ଓ କ୍ରୀଡା ବିଭାଗର ମିଳିତ ଆନୁକୁଲ୍ୟରେ ଆୟୋଜିତ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ବିଏସ୍‌ଏଫ୍ ଯବାନ ସାମିଲ ହୋଇଥିଲେ।

**ଯାଜପୁର** ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଗଣଦୌଡ଼ ବରାହନାଥ ମନ୍ଦିରଠାରୁ ଆରମ୍ଭ ହୋଇ ହକି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା।

**ସୁବର୍ଣ୍ଣପୁର**ର ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ପୀଠରୁ ଆରମ୍ଭ ହୋଇଥିବା ଗଣଦୌଡ଼ ସୋନପୁର ମହାବିଦ୍ୟାଳୟଠାରେ ଶେଷ ହୋଇଥିଲା।

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗଣଦୌଡ଼ କାର୍ଯ୍ୟକ୍ରମକୁ ବିଧାୟକ କେ. ଅନୀଲ କୁମାର ପତାକା ଦେଖାଇ ଶୁଭାରମ୍ଭ

କରିଥିଲେ। ମହାତ୍ମା ଗାନ୍ଧି ଷ୍ଟାଡିୟମ୍‌ରୁ ଗଣଦୌଡ଼ ଆରମ୍ଭ ହୋଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁନର୍ବାର ଷ୍ଟାଡିୟମ୍‌କୁ ଫେରିଥିଲା।

**କଳାହାଣ୍ଡି** ଜିଲ୍ଲା ପ୍ରଶାସନ ଓ କ୍ରୀଡା ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗଣଦୌଡ଼ କାର୍ଯ୍ୟକ୍ରମ ମା’ ମାଣିକେଶ୍ୱରୀ ମନ୍ଦିରରୁ ବାହାରି ଷ୍ଟାଚ୍ୟୁ ଛକ ଦେଇ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ ଶେଷ ହୋଇଥିଲା।

**ବରଗଡ଼** ସହରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଐତିହ୍ୟ ଗଣଦୌଡ଼ ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରେ ସକାଳ ୭ଟାରେ ଆରମ୍ଭ ହୋଇଥିଲା। ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୫୦୦ ଛାତ୍ରଛାତ୍ରୀ-କ୍ରୀଡାବିତ୍ ଗଣଦୌଡ଼ରେ ସାମିଲ ହୋଇଥିଲେ।

**ବୌଦ୍ଧ** ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଜିଲ୍ଲା ଷ୍ଟାଡିୟମ୍‌ଠାରେ ଗଣଦୌଡ଼ କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସହର ପରିକ୍ରମା କରିଥିବା ଗଣଦୌଡ଼ରେ ସମାଜର ବିଭିନ୍ନ ବର୍ଗ ଓ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ।

## ଓଡ଼ିଆ ପକ୍ଷ

**ପୁରୀ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଗଣଦୌଡ଼ ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ବାହାରି ବଗଲା ଧର୍ମଶାଳା ପର୍ଯ୍ୟନ୍ତ ଯାଇଥିଲା। ଜିଲ୍ଲା ପ୍ରଶାସନର ଅଧିକାରୀଙ୍କ ସମେତ ପୁରୀର ଜନସାଧାରଣ ଗଣଦୌଡ଼ରେ ଭାଗ ନେଇଥିଲେ।

## ପୁରୀ-ଇରାନ ଅଏଲ

ଇରାନ ସମେତ ୪୦ଟିରୁ ଅଧିକ ଦେଶରେ ଭାରତ ଅଶୋଧିତ ତୈଳ ଆମଦାନୀ କରୁଛି ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହର୍‌ଦୀପ ସିଂହ ପୁରୀ କହିଛନ୍ତି । ଇରାନ ସହ ଅଶୋଧିତ ତେଲ ସଂଗ୍ରହ ନେଇ ଦେୟ ସଂକ୍ରାନ୍ତୀୟ କୌଣସି ସମସ୍ୟା ନାହିଁ ବୋଲି ଶ୍ରୀ ପୁରୀ ସ୍ପଷ୍ଟ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂକ୍ରାନ୍ତ ଅଭିଯୋଗକୁ ଶ୍ରୀ ପୁରୀ ଖଣ୍ଡନ କରିଛନ୍ତି। ଦେୟ ସମସ୍ୟା ନେଇ ଭାରତର ଭାଡିନାରରୁ ଇରାନ୍‌ର ଏକ ଅଶୋଧିତ ତୈଳବାହୀ ଜାହାଜ ଚୀନ୍‌କୁ ସ୍ଥାନାନ୍ତରିତ ହୋଇଥିବା ଆଲୋଚନା ତଥ୍ୟଭିତ୍ତିକ ନୁହେଁ ବୋଲି ସେ କହିଛନ୍ତି।

ଦେଶବାସୀଙ୍କର ତୈଳ ଆବଶ୍ୟକତାକୁ ସଫଳତାର ସହ ସୁରକ୍ଷା ପ୍ରଦାନ କରାଯାଉଛି। ବିଭିନ୍ନ କାରଣ ନେଇ ପରିବହନ ସମୟରେ ଗତିପଥ ପରିବର୍ତ୍ତନ ହୋଇଥାଏ ବୋଲି ଶ୍ରୀ ପୁରୀ କହିଛନ୍ତି।

## ଇଷ୍ଟର ପର୍ବ

ସମଗ୍ର ପୃଥିବୀରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଆଜି ଇଷ୍ଟର ସଣ୍ଡେ ବା ପୁନରୁତ୍ଥାନ ରବିବାର ପାଳନ କରୁଛନ୍ତି। ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଆଜି ଏକ ବିଶେଷ ଦିନ ବୋଲି ବିବେଚନା କରାଯାଇଥାଏ। ଯୀଶୁଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦିବସକୁ ସ୍ମରଣ କରି  ଇଷ୍ଟର ପର୍ବ ପାଳନ କରାଯାଉଛି। ଗୁଡ୍ ଫ୍ରାଇଡେ ବା ଶୁଭ ଶୁକ୍ରବାର ଦିନ କାଲ୍‌ଭାରୀଠାରେ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଧ

କରାଯିବା ପରେ ରବିବାର ଦିନ ତାଙ୍କର ପୁନରୁତ୍ଥାନ ହୋଇଥିଲା। ଏହି ଅବସରରେ ବିଶ୍ୱବ୍ୟାପୀ ଚର୍ଚ୍ଚଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ଏହି ଅବସରରେ ରାଷ୍ଟ୍ରପତି **ଦ୍ରୌପଦୀ ମୁର୍ମୁ** ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି କହିଛନ୍ତି, ଯୀଶୁଖ୍ରୀଷ୍ଟଙ୍କ ପୁନରୁଥାନକୁ ସ୍ମରଣ କରି ଆଜି ପାଳନ କରାଯାଉଥିବା ଏହି ପର୍ବ ନିସ୍ୱାର୍ଥପର ପ୍ରେମ ଓ ସେବାର ବାର୍ତ୍ତା ପ୍ରଦାନ କରିଥାଏ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଇଷ୍ଟର ଲୋକଙ୍କ ମଧ୍ୟରେ ଆଶା, କରୁଣା, ଉଜ୍ଜ୍ୱଳତା ସମସ୍ତଙ୍କ ପାଇଁ ଆନନ୍ଦ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଉପଲବ୍ଧ ହେଉ।

**ନବରଙ୍ଗପୁର** ଜିଲ୍ଲାରେ ଆଜି ପବିତ୍ର ଇଷ୍ଟର ପର୍ବ ପାଳନ କରାଯାଉଛି। ଜିଲ୍ଲା ବିଭିନ୍ନ ସ୍ଥାନରେ ଥିବା ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଛି। ଶୁଭ ଶୁକ୍ରବାରରେ ପ୍ରଭୁ ଯୀଶୁ କ୍ରୁଶବିଦ୍ଧ ହେବା ପରେ ଏହାର ୩ ଦିନ ପରେ ଅର୍ଥାତ୍ ରବିବାର ପୁନର୍ବାର ଧରାବତରଣ କରିଥିଲେ ବୋଲି ବିଶ୍ୱାସ ରହିଛି। ଆଜି ଯୀଶୁଖ୍ରୀଷ୍ଟଙ୍କ ପୁନର୍ବାର ଆଗମନ ଓ ଶିଷ୍ୟଙ୍କୁ ଉପଦେଶ ପାଳନର ସ୍ମୃତିଚାରଣ କରାଯାଇ ଉତ୍ସବ ପାଳନ କରାଯାଉଛି।

# ଜାତୀୟ ସାମୁଦ୍ରିକ ଦିବସ

ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ସମୁଦ୍ରର ଭୂମିକା ନେଇ ସଚେତନତା ସୃଷ୍ଟି କରିଲା ଲକ୍ଷ୍ୟରେ ଆଜି ପାଳନ କରାଯାଉଛି 'ଜାତୀୟ ସାମୁଦ୍ରିକ ଦିବସ'। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ସାମୁଦ୍ରିକ ଭାରତ-ସଶକ୍ତୀକରଣ ପ୍ରଗତି'। ଭାରତୀୟଙ୍କ ମାଲିକାନାରେ ଥିବା ଏସ୍.ଏସ୍. ଲୟାଲିଟି ଜାହାଜ ମୁମ୍ବାଇରୁ ଲଣ୍ଡନ ପର୍ଯ୍ୟନ୍ତ ପ୍ରଥମ ଜଳଯାତ୍ରାକୁ ସ୍ମରଣ କରି ଆଜି ଦେଶରେ ଏହି ଦିବସ ପାଳନ କରାଯାଉଛି। ୧୯୧୯ ମସିହା ଆଜିର ଦିନରେ ଅନ୍ତର୍ଜାତୀୟ ବାଣିଜ୍ୟ, ଅର୍ଥନୀତି ଏବଂ ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ବହନ କରି ଏସ୍.ଏସ୍. ଲୟାଲିଟି ଜାହାଜ ଜଳଯାତ୍ରା କରିଥିଲା। ଏହି ଜଳଯାତ୍ରା ବାବଦରେ ସାମୁଦ୍ରିକ ଶିଳ୍ପର ଗୁରୁତ୍ୱ ଏବଂ ନାବିକମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ନେଇ ୧୯୬୪ ମସିହାରୁ ଏହି ଦିବସ ପାଳନ କରାଯାଉଛି।  ଦେଶର ୭ ହଜାର ୫୦୦ କିଲୋମିଟର ଉପକୂଳକୁ ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ସହିତ କେନ୍ଦ୍ରସରକାରଙ୍କ ସାଗରମାଳା ଯୋଜନା ଅନ୍ତର୍ଗତ ବନ୍ଦରଗୁଡ଼ିକର ଆଧୁନିକୀକରଣ ଏବଂ ସବୁଜ ଜାହାଜ ପରିବହନ ପଦକ୍ଷେପକୁ ପ୍ରୋତ୍ସାହନ ଦିଆଯାଉଛି। ଦେଶର ମୋଟ୍ ବାଣିଜ୍ୟ ପରିମାଣର ୯୫ ପ୍ରତିଶତ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରୁ ହୋଇଥାଏ। ୨୦୪୭ ମସିହା ସୁଦ୍ଧା ଭାରତ ସାମୁଦ୍ରିକ କ୍ଷେତ୍ରରେ ବୈଶ୍ୱିକ ନେତୃତ୍ୱ ନେବା ପାଇଁ କେନ୍ଦ୍ର ସରକାର ପ୍ରୟାସ ଜାରି ରଖିଛନ୍ତି।

**ଖସାପଡା ନୀତି**

ବୈଶାଖ କୃଷ୍ଣପକ୍ଷ ଚତୁର୍ଥୀ ତିଥିରେ ଆସନ୍ତାକାଲି ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଏହି ଗୁପ୍ତନୀତି ଅନୁଷ୍ଠିତ ହେବ। ଦଇତାପତି ଓ ଅନ୍ୟ ସେବକମାନଙ୍କ ଦ୍ୱାରା ଗୁପ୍ତନୀତି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ହେବ। ଏହି ସମୟରେ ଶ୍ରୀଜୀଉମାନଙ୍କର ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

# କ୍ଷତିପୂରଣ ଅର୍ଥ ପ୍ରଦାନ

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍‌ଭି-୨୬ ଗ୍ରାମର ଗ୍ରାମବାସୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗତକାଲି କ୍ଷତିଗ୍ରସ୍ତ ୨୨୬ଟି ପରିବାରକୁ ଘରୋଇ ସାମଗ୍ରୀ ନଷ୍ଟ ଏବଂ ଦୋକାନ ଓ ପକ୍କାଘର ବାବଦରେ ସହାୟତା ରାଶି ପ୍ରଦାନ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, କାଳବୈଶାଖୀର ପ୍ରଭାବରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ଛାଡ଼ି ଅନ୍ୟ ସମସ୍ତ ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ କେତେକ ସ୍ଥାନରେ ପବନର ବେଗ ୪୦ ରୁ ୫୦ କିଲୋମିଟର ସହିତ ବଜ୍ରପାତ ଏବଂ ବର୍ଷାର ସମ୍ଭାବନା ରହିଛି।

ଗତକାଲି ତାଳଚେର, ଝାରସୁଗୁଡ଼ା ଓ ପାରଳାଖେମୁଣ୍ଡିର ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିଲା ।